## ୧୯ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

ଆର.ଉଦୟଗିରି,(ଡି.ଏନ.ଏ.): ଅଡବା ଥାନା ପୋଲିସ ଗୁରୁବାର ପାଟ୍ରୋଲିଂ ସମୟରେ ୧୯ କେଜି ୯୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଗୁରୁବାର ଅଡ଼ବା ଥାନା ଏସ୍ଆଇ ଲକ୍ଷ୍ମଣ ବେରସା ଏବଂ କର୍ମଚାରୀ କେଶରୀଗୁଡା ଛକଠାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବସ୍ତାକୁ ଠାବ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇ ଚାଲାଣକାରୀ ପୋଲିସ ଟିମ୍‌କୁ ଦେଖି ବସ୍ତାକୁ ଛାଡି ଚାଲିଯାଇଥିବା ଅନୁମାନ କରାଯାଉଛି। ଏନେଇ ଅଡବା ଥାନାରେ ନଂ.୧୨୦/ ୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### କେନାଲରୁ ଜଣଙ୍କ ମୃତଦେହ ଜବତ

ଛତ୍ରପୁର,୨୬।୮(ଡି.ଏନ୍.ଏ.): ଚମାଖଣ୍ଡି ଥାନା ଅଧୀନ ଗୋବିନ୍ଦପୁର ନିକଟ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ କେନାଲରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଖବରପାଇ ଚମାଖଣ୍ଡି ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନି। ମୃତଦେହକୁ ମେଡିକାଲ ପଠାଇ ପୋଲିସ ତଦନ୍ତ ଜାରି ରଖିଛି।

### ଟ୍ରାକ୍ଟର ଓଲଟି ଜଣେ ମୃତ, ଏକାଧିକ ଆହତ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.): ମୋହନା ଥାନା ନାରିଙ୍ଗୀ ଘାଟିରେ ଟ୍ରାକ୍ଟର ଓଲଟି ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ମୃତକ ହେଲେ ମୋହନା ଥାନା ଜୁଡିପଥର ଗ୍ରାମର ଉଷା ନାୟକ। ଶ୍ରମିକମାନଙ୍କୁ ନେଇ ଯାଉଥିବା ବେଳେ କୌଣସି କାରଣବଶତଃ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ଶ୍ରମିକମାନଙ୍କ ମଧ୍ୟରୁ ଏକାଧିକ ଆହତ ହୋଇଥିବା ବେଳେ ଉଷାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର୍ ଥିବା ବେଳେ ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

### ଫାଷ୍ଟଫୁଡ୍ ଦୋକାନରୁ ଚୋରି, ଅଭିଯୁକ୍ତ ଜେଲ୍ ଗଲେ

ଦିଗପହଣ୍ଡି,୨୬।୮(ଡି.ଏନ୍.ଏ.):ଫାଷ୍ଟଫୁଡ୍ ଦୋକାନରୁ ଚୋରି ଅଭିଯୋଗରେ ଦିଗପହଣ୍ଡି ପୋଲିସ ଶୁକ୍ରବାର ବଛପଲ୍ଲୀ ଗ୍ରାମର ହରେଶ ଲେଙ୍କାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ବଛପଲ୍ଲୀ ଗ୍ରାମର ମୁନା କୁମାର ଭୂୟାଁ ବ୍ୟାଙ୍କ ନିକଟରେ ଏକ ଫାଷ୍ଟଫୁଡ୍ ଦୋକାନ କରିଥିଲେ। ଗୁରୁବାର ରାତିରେ ତାଙ୍କ ଦୋକାନ ତାଲା ଭାଙ୍ଗି ହରେଶ ବାସନକୁସନଗୁଡ଼ିକୁ ନେଇଯାଇଥିଲେ। ଏକ ବସ୍ତାରେ ସେସବୁ ଭର୍ତ୍ତି କରି ଅଟୋରେ ନେଇଯାଇଥଲେ। ଖବର ପାଇ ମୁନା ହରେଶଙ୍କୁ ଚୋରି କଥା ପଚାରିବା ସହ ଅଟୋରେ ଥିବା ଜରି ବସ୍ତା ଖୋଲିବାରୁ ସେଥିରେ ସମସ୍ତ ଚୋରି ସାମଗ୍ରୀ ଥିବା ଦେଖିଥିଲେ। ମୁନା ଓ ଗାଁ ଲୋକେ ହରେଶଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ।

### ଯୁକ୍ତ ୩ ପ୍ରଥମ ବର୍ଷ ପ୍ରବେଶକୁ ଅନୁମତି

ନୂଆଗଡ଼,୨୬।୮:ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରୀପଦା ଠାରେ ଅବସ୍ଥିତ ବାବା ସାହେବ ଆମ୍ବେଦକର ଡିଗ୍ରୀ କଲେଜରେ ଚଳିତ ବର୍ଷ ଯୁକ୍ତ ୩ ପ୍ରଥମ ବର୍ଷର ପ୍ରବେଶକୁ ଗତ୧୯ ତାରିଖରେ ଅନୁମତି ମିଳିଛି। ବର୍ତ୍ତମାନ ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିବା କଲେଜର ଅଧକ୍ଷ ପ୍ରଶାନ୍ତ କୁମାର ଲିମା କହିଛନ୍ତି। ଆବଶ୍ୟକ ଭିତ୍ତିଭୂମି ନଥିବା କାରଣରୁ ୨୦୨୧-୨୨ ଶିକ୍ଷାବର୍ଷରେ ପ୍ରବେଶକୁ ରଦ୍ଦ କରିଥିଲେ ସରକାର। ଫଳରେ ଯୁକ୍ତ ୨ ପାସ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥିଲା।

# ପୋଲ ନିର୍ମାଣ ଦାବିରେ ମୃତଦେହ ରଖି ବିକ୍ଷୋଭ

ଫୁଲବାଣୀ ଅଫିସ, ୨୬।୮

ଫୁଲବାଣୀ ସହର ନିକଟ ଡାକପାଲା ଡ୍ୟାମରେ ଜଣେ ବାଇକ ଆରୋହୀ ଭାସି ଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ଡ୍ୟାମ ଉପରେ ଏକ ପୋଲ ନିର୍ମାଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ମଧ ଦାବି କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଓ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ



ମୃତଦେହ ରଖି ଲୋକେ ବିକ୍ଷୋଭ କରୁଛନ୍ତି।

ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ। ସୁଚନାଯୋଗ୍ୟ, ଗତ

### ଡାକପାଲା ଡ୍ୟାମ

ବୁଧବାର ରାତିରେ ଡ୍ୟାମ ଉପରେ ୪ ଫୁଟର ପାଣି ବହୁଥିଲା। ଡାକପାଲା ସାହିର ଯୁବକ ତାପସ ରଞ୍ଜନ ଘଟାଲ ବାଇକରେ ବସି ପାର ହେବାକୁ ଚେଷ୍ଟା କରୁଥିବା ବେଳେ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଅଗ୍ନିଶମ ବିଭାଗ ଏବଂ ଟିମ୍ ହ୍ୟୁମାନିଟି ସଦସ୍ୟମାନେ ଗୁରୁବାର ତୁଡିପାଜୁ ପଞ୍ଚାୟତ କଳାମ୍ବୁର ଗ୍ରାମ ନିକଟ ନଦୀ କୂଳ କଥା ପୋଲଠାରେ ଯୁବକଙ୍କ ମୃତଦେହକୁ ଠାବ କରିଥିଲେ।

# ସରିଲା ଜିଲାସ୍ତରୀୟ ପେନ୍‌ସନ ଅଦାଲତ

## ୪୦୭ଟି ବକେୟା ପେନ୍‌ସନ ପ୍ରାପ୍ୟ ଉପରେ ଶୁଣାଣି



ଅଭିଯୋଗ ଶୁଣାଣି ଚାଲିଛି।

ଛତ୍ରପୁର,୨୬।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପ୍ରଶାସନ ଆନୁକୂଲ୍ୟରେ ଓ ପ୍ରଧାନ ମହାଲେଖାକାର (ଏଜି) ସହଯୋଗରେ ଛତ୍ରପୁରସ୍ଥିତ ରଷିକୂଲ୍ୟ ସମ୍ମିଳନୀ କକ୍ଷଠାରେ ୨ଦିନ ଧରି ଚାଲିଥିବା ଜିଲାସ୍ତରୀୟ ପେନସନ ଅଦାଲତ ଶୁକ୍ରବାର ଉଦଯାପିତ ହୋଇଛି। ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପେନସନ ଅଦାଲତରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟଅତିଥି, ମହାଲେଖାକାର(ପେନସନ) ଏସ. ଅରୁଣା, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପେନସନ ଅଦାଲତରେ ୨୦୧୨ରୁ ୨୦୨୨ ପର୍ଯ୍ୟନ୍ତ ଜିଲାର ୪୦୭ଟି ବକେୟା ପେନସନ ପ୍ରାପ୍ୟ ଉପରେ ଶୁଣାଣି କରାଯାଇ ୧୪୭ଟି ପେନସନ କେସ ମଞ୍ଜୁର ପାଇଁ ପଦକ୍ଷେପ ନିଆଗଲା। ତାହାକୁ ତୁରନ୍ତ ଏଜି କାର୍ଯ୍ୟାଳୟକୁ ପଠାଯିବ। ଏହାଛଡା ୮୭ଟି ଗ୍ରାଚ୍ୟୁଇଟି କେସ ମଧ୍ୟରୁ ୪୨ଟି କେସ ମଞ୍ଜୁର ପାଇଁ ଏଜି କାର୍ଯ୍ୟାଳୟକୁ ପଠାଯିବାକୁ ସ୍ଥିର କରାଯାଇଛି। ଜିଲାପାଳ ପରିଡା ଓ ଶ୍ରୀରାଜ ଅଶୋକ ଫଇସଲା ହୋଇଥିବା ଅବସରପ୍ରାପ୍ତ କର୍ମଚାରୀଙ୍କ ୧୬ଟି ଗ୍ରାଚ୍ୟୁଇଟି ଆଦେଶ ଅବସରପ୍ରାପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରିଥିଲେ। ପେନସନ ଅଦାଲତକୁ ବରିଷ୍ଠ ଲେଖାଧିକାରୀ ନାଗେଶ୍ୱର ରାଓ, ମନୋରଞ୍ଜନ ପାଣିଗ୍ରାହୀ, ଏଜିର ସ୍ୱତନ୍ତ୍ର ଅଧିକାରୀ ପୁରୁଷୋତ୍ତମ ବଳ ପରିଚାଳନା କରିଥିଲେ।

# ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ



ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)

ଗଜପତି ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମାରି ଗୁରୁବାର ଆର.ଉଦୟଗିରି ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ଅବାରସିଂ ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ତଦାରଖ କରିବା ସହ ୫-ଟି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେହିଭଳି ରଣ୍ଡିବା ପଞ୍ଚାୟତରେ ନାଳ, ଓଡ଼ିଶା ଜୀବିକା ମିଶନ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆର.ଉଦୟଗିରି ପଞ୍ଚାୟତର ନର୍ସରି ବୁଲି ଦେଖିଥିଲେ। ନର୍ସରି ପରିସର ବୃଦ୍ଧି ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଜମି ପ୍ରଦାନ କରିବା ସକାଶେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ବିଡିଓ ଲାବନେନ୍ଦୁ ମହାନ୍ତି, ସର୍ବେଶ୍ୱର ସାହୁ ଓ ବିପିଏମ୍ ରଜନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଗଜପତିରେ ୧୧ କରୋନା ଆକ୍ରାନ୍ତ ଚିହ୍ନଟ

ପାରଳାଖେମୁଣ୍ଡି,୨୬।୮(ଡି.ଏନ୍.ଏ.)– ଗଜପତି ଜିଲାରେ ଶୁକ୍ରବାର ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନେ ଉକ୍ତ ଅଞ୍ଚଳର ହୋଇଥିବାରୁ ସେ ନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଉ ନାହିଁ। ଅନ୍ୟପକ୍ଷରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୪୧ ଆକ୍ଟିଭ କେସ୍ ରହିଥିବା ବେଳେ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସେହିଭଳି ଜିଲାର ବିଭିନ୍ନ ସ୍ଥାନରେ କୋଭିଡ୍ ଟିକା ପ୍ରଦାନ କରାଯାଉଛି।

# ବିଦ୍ୟାଳୟ ଶ୍ରେଣୀ ଗୃହରେ ପାଠ ପଢ଼ିଲେ ଅଙ୍ଗନୱାଡ଼ି ଶିଶୁ

ପୁରୁଷୋତ୍ତମପୁର,୨୬।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ୱାର୍ଡ ନଂ ୯ ରଥସାହିରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଗୃହ ନଥିବା ଯୋଗୁଁ ଶିଶୁମାନେ ଖୋଲା ଆକାଶ ତଳେ ଖରାରେ ବସି ପାଠ ପଢୁଥିଲେ। ଏ ନେଇ ଧରିତ୍ରୀ ଲାଇଭରେ ଗତ ୧୯ତାରିଖରେ ଖବର ପ୍ରସାରଣ ହୋଇଥିଲା। ଏହା ପରେ ପ୍ରଶାସନର ନିଦ ଭାଙ୍ଗିଛି। ପୁରୁଷୋତ୍ତମପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଚ୍ୟାଉପଟ୍ଟନାୟକଙ୍କ ସମେତ କର୍ମଚାରୀମାନେ ଘନଘନ କେନ୍ଦ୍ର ପରିଦର୍ଶନ କରି ଶିକ୍ଷା ବିଭାଗିୟ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଏହି ୱାର୍ଡରେ ଥିବା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଅସ୍ଥାୟୀ ଭାବରେ ଅଙ୍ଗନୱାଡି କେନ୍ଦ୍ର ଚଲାଇବାକୁ କହିଛନ୍ତି। ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଶିଶୁମାନେ ପାଠ ପଢା ଆରମ୍ଭ କରିଛନ୍ତି। ଏହା ସହ ଧୋବାସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଦରକାରୀ ଭାବେ ଅତିରିକ୍ତ ଗୃହକୁ ବ୍ଲକ ଶିକ୍ଷା ବିଭାଗ ଗୋଦାମ କରି ରଖିଥିବା ହେତୁ ଏହି ଗୃହ ଉପରେ ନୂତନ ଗୃହ ନିର୍ମାଣ କରି ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଇ ଦେବା ଲାଗି ଏନ୍‌ଏସି ପ୍ରଶାସନ ପକ୍ଷରୁ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ



ଧୋବାସାହି ସ୍କୁଲରେ ପଢୁଛନ୍ତି ଅଙ୍ଗନୱାଡ଼ି ଶିଶୁ।

# ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା କଲେ ତହସିଲଦାର

ସୋରଡ଼ା, ୨୬।୮(ଡି.ଏନ୍.ଏ)

ବିଜ୍ଞାପିତ ଅଞ୍ଚଳ ପରିଷଦ ୬ ନମ୍ବର ୱାର୍ଡର ବାସିନ୍ଦା ମହାଦେବ ଗୌଡ଼ଙ୍କ ହୃଦଘାତରେ ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ମହାଦେବଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଓ ଏନ୍‌ଏସି ଅଧକ୍ଷ ଶିବଶଙ୍କର ପଣ୍ଡା।

ପ୍ରକାଶ ଯେ, ମହାଦେବଙ୍କ ପରିବାର କହିଲେ ସ୍ତ୍ରୀ କୁମାରୀ ଓ ଦୁଇ ଝିଅ। ରୋଜଗାର ଆଶାରେ ମହାଦେବ ଗତ କିଛିଦିନ ପୂର୍ବେ ତାମିଲନାଡୁ ଯାଇଥିଲେ। ସ୍ତ୍ରୀ କୁମାରୀ ଦୁଇ ଝିଅଙ୍କୁ ବାପ ଘରେ ଛାଡ଼ି ବ୍ରହ୍ମପୁରରେ ଜନୈକ ବ୍ୟକ୍ତିଙ୍କ ଘରେ କାମ କରୁଥିଲେ। ଯାହା ରୋଜଗାର କରୁଥିଲେ ଦୁଇ ଝିଅଙ୍କ ପାଠପଢ଼ା ପାଇଁ ବାପଘରକୁ ପଠାଉଥିଲେ। ତାମିଲନାଡୁରେ ମହାଦେବଙ୍କ ଦେହ ଖରାପ ହେବାରୁ ନିଜ ଗ୍ରାମକୁ ଫେରିଆସିଲେ। ଗତ ୨୪ ତାରିଖରେ ନିକଟସ୍ଥ ଗ୍ରାମକୁ କାମ କରିବାକୁ ଯାଇଥିବା ବେଳେ ହୃଦଘାତରେ ପ୍ରାଣ ହରାଇଥିଲେ। ବାପା ମରିବା ପରେ ପରିବାର ନିରାଶ୍ରୟ ହୋଇଗଲେ। ସମାଜସେବୀ ସଂଜୀବ ପଟ୍ଟନାୟକଙ୍କ ସହଯୋଗରେ ମହାଦେବଙ୍କ ଶବ ସଂସ୍କାର କରିଥିଲେ। ହେଲେ ଶୁଦ୍ଧିକ୍ରିୟା କରିବାକୁ ଟଙ୍କା ନଥିଲା। ଏହି ଖବର ପାଇ ତହସିଲଦାର ଡାକୁଆ ଓ ଅଧକ୍ଷ ପଣ୍ଡା ମୃତ ସଦାଶିବଙ୍କ ସ୍ତ୍ରୀ କୁମାରୀଙ୍କୁ ଭେଟି ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଉପଜିଲାପାଳଙ୍କୁ ଅବଗତ କରିବା ପରେ ସେ ରେଡକ୍ରସ ତରଫରୁ କିଛି ସହାୟତା କରାଯିବ ବୋଲି କହିଛନ୍ତି।

### ଅଧୀକ୍ଷଣ ଯନ୍ତ୍ରୀ ପଦବୀ ଖାଲି

ଭଞ୍ଜନଗର,୨୬।୮(ଡି.ଏନ.ଏ)

ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ ପଦବୀ ୩ମାସ ହେବ ଖାଲିପଡ଼ିଛି। ଏଠାରେ କାର୍ଯ୍ୟରତ ଥିବା ଅଧିକ୍ଷଣଯନ୍ତ୍ରୀ ରମେଶ ସ୍ୱାଇଁ ଅବସର ନେବା ପରେ ଉକ୍ତ ପଦବୀ ପୁରଣ ପାଇଁ ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଉନାହାନ୍ତି। ତେଣୁ ଭାରପ୍ରାପ୍ତ ଦାୟିତ୍ୱରେ ବ୍ରହ୍ମପୁର ଅଧିକ୍ଷଣଯନ୍ତ୍ରୀ ଅଛନ୍ତି। ସେହିଭଳି ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀଟି ମଧ ୨ମାସ ହେବ ଖାଲିପଡ଼ିଛି। ଭଞ୍ଜନଗର ସେକ୍ସନ ୨ ଯନ୍ତ୍ରୀ ପଦବୀଟି ମଧ ବହୁଦିନ ହେବ ଖାଲିପଡ଼ିଛି। ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ କାର୍ଯ୍ୟାଳୟଟି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ହୋଇଥିଲେ ମଧ ଉକ୍ତ ତିନି ପଦବୀ ବହୁଦିନ ଧରି ଖାଲି ରହିବା ଦ୍ୱାରା ଉନ୍ନୟନ କାର୍ଯ୍ୟ ଧିମେଇ ଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାପାଇଁ ସୂଚନାକର୍ମୀ ବି.ଶଙ୍କର ପାତ୍ର ଦାବି କରିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଖେଳ ପ୍ରତିଯୋଗିତା

ଦାରିଙ୍ଗବାଡ଼ି,୨୬।୮(ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଠାରେ ଥିବା ରାପଡ଼ାବାଡ଼ି ନୋଡାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ଖେଳ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଆର୍‌ସିସି ତଥା ଏବିଇଓ ସୁବାସିନି ଦିଗାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ବିଡିଓ ଗଦାଧର ପାତ୍ର, ବିଇଓ ରସାନନ୍ଦ କର, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦେଶୀ ନାୟକ, ରାପଡ଼ାବାଡ଼ି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଚାରୁଶିଳା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। ମୋଟ ୯୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କୃତିତ୍ୱ ଅର୍ଜନ କରିଥିବା ୧୫ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୬ ଜଣଙ୍କୁ ବିଭିନ୍ନ ଖେଳ, ଶିକ୍ଷା ସାମଗ୍ରୀ କିଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଷ୍ଠୀସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ ଏବଂ ରଶ୍ମିତା ସେନାପତି ପରିଚାଳନା କରିଥିଲେ। ସେହିପରି ବୁର୍ଜୁବାଡ଼ି ସ୍କୁଲର ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଟେକାବାଡ଼ି ପ୍ରଧାନ ଶିକ୍ଷକ ନିରଞ୍ଜନ ପାତ୍ର, ଗଦଡ଼ି ପ୍ରଧାନ ଶିକ୍ଷକ ରାକେଶ ସାହୁ, ସାରିଙ୍ଗଇର୍ପି ସହକାରୀ ଶିକ୍ଷକ ଶ୍ୟାମସୁନ୍ଦର ଦିଗାଳ, ପେଟୁମାହା ବିଦ୍ୟାଳୟର ଶିକ୍ଷକ ରୂପଚନ୍ଦ୍ର ପ୍ରଧାନ ଏବଂ ଜନାବାଡ଼ି ସ୍କୁଲ ପ୍ରଧାନ ଶିକ୍ଷକ ଗିରିଧାରୀ ପାଢ଼ି ଦାୟିତ୍ୱ ପରିଚଳନା କରିଥିଲେ।

# ନିର୍ମାଣାଧୀନ କାର୍ଯ୍ୟ ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

ପାରଳାଖେମୁଣ୍ଡି,୨୬।୮(ଡି.ଏନ୍.ଏ.)

ଗଜପତି ଜିଲା ଗସ୍ତରେ ଶୁକ୍ରବାର ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଙ୍ଗଲ, ଜମି, ଗ୍ରାମ୍ୟ ଭିତ୍ତିକ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାୟଗଡ଼ା ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୁଟିସାହିଠାରୁ ଲିମାରସିଙ୍ଗି ପୋଲ, କାଶୀପଦରର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଓ ଜାତୀୟ ରାଜପଥଠାରୁ ବଲଣ୍ଡା ରାସ୍ତା କାର୍ଯ୍ୟର ଅଗ୍ରଗତି, ରାୟଗଡ଼ ବ୍ଲକର ପୁଟିସାହିଠାରୁ ଲିମାରସିଙ୍ଗି ରାସ୍ତାର ପୋଲ ନିର୍ମାଣ ହେବା ପରେ ଜନସାଧାରଣଙ୍କ ଯାତାୟାତ ନିମନ୍ତେ ଅନେକ ସୁବିଧା ପାଇପାରିବେ ବୋଲି ସଚିବ କହିଛନ୍ତି। ପୂର୍ବାହ୍ନରେ ଜିଲାର ରାୟଗଡ଼, ଆର୍.ଉଦୟଗିରି ଓ ମୋହନା ବ୍ଲକ ଗସ୍ତ କରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା ଓ ପିଡବ୍ଲୁଡି ରାସ୍ତାର ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟର କ୍ଷେତ୍ର ସ୍ତରୀୟ ଅଗ୍ରଗତି ଓ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟ ଗ୍ରାମ୍ୟ ନିର୍ମାଣ କୋଠାବାଡ଼ି ଓ ସେତୁ ବିଭାଗ ଯନ୍ତ୍ରୀ ମୁଖ୍ୟ ପ୍ରଦୀପ ସାମଲ, ମୁଖ୍ୟଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା, ବ୍ରହ୍ମପୁର ଜୋନ ଗ୍ରାମ ନିର୍ମାଣ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଦୀପ କୁମାର ଜେନା, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମାରି, ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ନିର୍ମଳ କୁମାର ଦାସ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି ପ୍ରମୁଖ ଶାସନ ସଚିବ ଓ ଅନ୍ୟ ଅଧିକାରୀମାନେ।

# ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ ବ୍ଲକ ଅଧକ୍ଷା

ଛତ୍ରପୁର,୨୬।୮(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ ଶୁକ୍ରବାର ବିଭିନ୍ନ ପଞ୍ଚାୟତ ଗସ୍ତ କରି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ୫-ଟି ଅନ୍ତର୍ଗତ ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ବିପୁଲିଙ୍ଗି, ମହାନାଦପୁର ଓ ପୋଟଲାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରଣ କରି ସ୍ମାର୍ଟ ସ୍କୁଲରେ ପରିଣତ କରାଯାଉଥିବା ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ବ୍ଲକ ଅଧକ୍ଷା ଶ୍ରେଣୀ ଗୃହକୁ ଯାଇ ପିଲାଙ୍କ ପାଠପଢା ଦେଖିଥିଲେ। ଏହା ସହ ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ମାର୍ଟ ସ୍କୁଲ କାର୍ଯ୍ୟକାରୀ ହେଉଥିବା ଉନ୍ନୟମୂଳକ ପ୍ରକଳ୍ପକୁ ନେଇ ଭାରପ୍ରାପ୍ତ ବିଡିଓ ପ୍ରକାଶ କୁମାର ମିଶ୍ରଙ୍କ ସହ ଗସ୍ତ ସମୟରେ ଆଲୋଚନା କରିଥିଲେ। ଅଧକ୍ଷାଙ୍କ ପରିଦର୍ଶନ ବେଳେ ବିଡିଓ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ବିଡିଓ ଜୟଶ୍ରୀ ନାୟକ, ସହାୟକ ଯନ୍ତ୍ରୀ ଲଗ୍ନଜିତ୍ ସାହୁ, କନିଷ୍ଠ ଯନ୍ତ୍ରୀ ରଶ୍ମିତା ଦାଶ ଓ ଜୟସେନ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ୍ କିଶୋର ଚନ୍ଦ୍ର ରେଡ୍ଡୀ ଏବଂ ହାଇସ୍କୁଲ ଗୁଡ଼ିକର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମାର୍ଟ ସ୍କୁଲ ନିର୍ମାଣ ଓ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖୁଛନ୍ତି ବ୍ଲକ ଅଧକ୍ଷା ଓ ଅନ୍ୟ ଅଧିକାରୀମାନେ।

## ସଂକ୍ଷେପରେ

### ଶୁଭେନ୍ଦୁ ରାୟ ଭଞ୍ଜନଗର ଆରଟିଓ



ଭଞ୍ଜନଗର,୨୬।୮ (ଡି.ଏନ୍.ଏ)ଭଞ୍ଜନଗର ନୂତନ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଭାବେ ଶୁଭେନ୍ଦୁ ରଞ୍ଜନ ରାୟ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ପୁରୀରୁ ଏଠାକୁ ବଦଳି ହୋଇଆସିଛନ୍ତି । ୨୦୧୫ ମସିହା ଅଗଷ୍ଟରୁ ୨୦୨୧ ମେ ପର୍ଯ୍ୟନ୍ତ ରାୟ ଏଠାରେ ଭାରପ୍ରାପ୍ତ ଆରଟିଓ ଭାବେ କାର୍ଯ୍ୟରତ ଥିଲେ। ରାୟ କାର୍ଯ୍ୟରେ ଯୋଗଦେବା ପରେ ନୂତନ କାର୍ଯ୍ୟାଳୟକୁ ଅଫିସ ସ୍ଥାନାନ୍ତରିତ ହେବ ବୋଲି ଆଶା କରାଯାଉଛି ।

### ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୨୬।୮(ଡି.ଏନ.ଏ.)- ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳନ ପୂର୍ବକ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ପୌର ପରିଷଦ ପକ୍ଷରୁ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅଗଷ୍ଟ ୩ରେ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ପ୍ରତୀଯୋଗିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଦାୟିତ୍ୱରେ ଥିବା ପୌର ନିର୍ବାହୀ ଅଧିକାରୀ ଜୁବୁଲିଚରଣ ବେହେରା, ପୌରାଧକ୍ଷା ନିର୍ମଳା ସେଠୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପୌରପରିଷଦ ଅନ୍ତର୍ଗତରେ ଥିବା ବିଭିନ୍ନ ସ୍କୁଲର ମୋଟ ୩୩ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।

### ନୂତନ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

କାଶୀନଗର,୨୬।୮ -କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇଥିବା ଡ଼ାକ୍ତରମାନଙ୍କୁ ବଂଶଧାରା ପାଠାଗାର ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ସମାଜସେବୀ ହୃଷିକେଶ ଗୌଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନଏସି ଉପାଧକ୍ଷ ରଘୁରାମ ସାହୁ, ମେଡିକାଲ ଅଫିସର ଇନଚାର୍ଜ ଡ଼ା. ଇଟି ନଇଲ ଯୋଗଦେଇ ନୂତନ ଡ଼ାକ୍ତର କେ.ଦୀପ କୁମାର ବେହେରା, ଡ଼ା. କ୍ଷେତ୍ରଲାଲ ବେହେରା, ଡ଼ା. ସୌମ୍ୟରଞ୍ଜନ ଦାସ, ଡ଼ା. ଭାରତୀ ଓ ଡ଼ା. ଇପ୍ସିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ପ୍ରଧାନଶିକ୍ଷକ ସୁଶିଲ କୁମାର ପଣ୍ଡା, ବ୍ୟାଙ୍କ ଅଧିକାରୀ ରବିନ୍ଦ୍ର ନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

### ବ୍ରହ୍ମ ଏକାକ୍ଷର ମେଳା

ବୁଗୁଡା,୨୬।୮(ଡି.ଏନ.ଏ.)-ବୁଗୁଡା ସହର ସୋମନାଥ ନଗର ଠାରେ ଗହଣ ଦଳ ଗଞ୍ଜା-ବ୍ରହ୍ମପୁର ମଣ୍ଡଳ ଉତ୍ତର ଇଲାକା ଆନୁକୁଲ୍ୟରେ ସନାତନ ଧର୍ମ ଭିତ୍ତିକ ବ୍ରହ୍ମ ଏକାକ୍ଷର ମେଳା ଗୁରୁ ଲିଙ୍ଗରାଜ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁରବୀ ପ୍ରଫୁଲ୍ଲ କୁମାର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ବ୍ରଜ କିଶୋର ପାଢୀ, ଶିଶିର କାନ୍ତ ନାୟକ, ରବିନ୍ଦ୍ର କୁମାର ପଟ୍ଟନାୟକ, ରବିନ୍ଦ୍ର ବରାଡ, ବିନାୟକ ଦାଶ, କାଳୁ ଚରଣ ଗୌଡ, ସୁବାସ ଚୌଧୁରୀ, ରାଜ କିଶୋର ମଲ୍ଲ, ଅନ୍ତର୍ଯ୍ୟାମୀ ନାୟକ, ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ସୀମାଞ୍ଚଳ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଧରାକୋଟ ଅଙ୍ଗନୱାଡି କେନ୍ଦ୍ର ଶୋଚନୀୟ

ଧରାକୋଟ,୨୬।୮(ଡି.ଏନ୍.ଏ.)

ଆଜିର ଶିଶୁ କାଲିର ନାଗରିକ। ସେମାନଙ୍କ ସୁରକ୍ଷା, ଶିକ୍ଷା,ଦାୟିତ୍ୱ ସୁଚାରୁ ରୂପେ ପାଳନ ପାଇଁ ସରକାରଙ୍କ ଶିଶୁ ବିକାଶ ବିଭାଗ ରହିଛି। ବିଭାଗ ତରଫରୁ ନିୟମିତ ଭାବରେ ଅଙ୍ଗନୱାଡି କେନ୍ଦ୍ରକୁ ସୁପରଭାଇଜରମାନେ ପରିଦର୍ଶନ କରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥାନ୍ତି। ଶିଶୁର ବୌଦ୍ଧିକ ବିକାଶ ପାଇଁ ହସ, ଖେଳକୁଦ ମାଧ୍ୟମରେ ଶିକ୍ଷାଦାନ ସହ ପୁଷ୍ଟିକର ଖାଦ୍ୟ ପ୍ରଦାନ କରି ଅଙ୍ଗନୱାଡି କେନ୍ଦ୍ରକୁ ଆସିବା ପାଇଁ ପିଲାଙ୍କୁ ଆକୃଷ୍ଟ କରାଯାଏ। ଏଥିପାଇଁ ଅଙ୍ଗନୱାଡି କେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନ ସହ ସ୍ୱଚ୍ଛ ପରିବେଶ ଏବଂ ଉପଯୁକ୍ତ ଭିତ୍ତିଭୂମି ରହିବା ଆବଶ୍ୟକ। ହେଲେ ସମ୍ପ୍ରତି ଧରାକୋଟର ଏକ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ଶିଶୁଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀପତଳ ଅନ୍ଧାର ପରି ଧରାକୋଟର ୫ ନମ୍ବର କେନ୍ଦ୍ରର ଭିତ୍ତିଭୂମି ଶୋଚନୀୟ ସ୍ଥିତିରେ ପହଞ୍ଚିଛି। ୩ରୁ ପାଞ୍ଚ ବର୍ଷ ବୟସର ୨୧ ଜଣ ପିଲା ଏହି କେନ୍ଦ୍ରରେ ପଢୁଛନ୍ତି। ଜଣେ କର୍ମୀ ଓ



ଅଙ୍ଗନୱାଡି କେନ୍ଦ୍ର ପରିସରରେ ଅନାବନା ଗଛ ଉଠିଛି।

#### ଶିଶୁଙ୍କ ସୁରକ୍ଷା ପ୍ରଶ୍ନବାଚୀ

ଜଣେ ସହାୟିକା ସେମାନଙ୍କ ଦେଖାଶୁଣା କରୁଛନ୍ତି। ଶିକ୍ଷାଦାନ ସହ ପୁଷ୍ଟିକର ଖାଦ୍ୟ ପ୍ରଦାନ ଠିକ ଭାବେ ଚାଲିଥିଲେ ମଧ୍ୟ ପରିବେଶ ଓ ଭିତ୍ତିଭୂମି କଥା ନ କହିଲେ ଭଲ। କେନ୍ଦ୍ର ଚାରିପଟେ ଲତା ଗୁଳ୍ମ ଭର୍ତ୍ତି ହୋଇ ରହିଥିବା ବେଳେ ଫ୍ଲୋରିଂ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ସ୍ଥିତିରେ ରହିଛି। ବର୍ଷା ହେଲେ ଅଭିଭାବକମାନେ ନିଜ ପିଲାଙ୍କୁ କାଖରେ ଟେକି ଅଥବା କାନ୍ଧରେ ବୋହି ନେଇ ଯାଉଥିବା ଦେଖାଯାଉଛି। କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନାହିଁ। ଚାରିପଟେ ପାଚେରି ନ ଥିବା ବେଳେ ନଳକୂପରୁ ପାଣି ବାହାରୁ ନ ଥିବା ଦେଖାଯାଇଛି। ଏ ସମ୍ପର୍କରେ ପଞ୍ଚାୟତର ପ୍ରତିନିଧିମାନଙ୍କୁ ଅଙ୍ଗନୱାଡି କର୍ମୀ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

# ଏନ୍ଏସି ପକ୍ଷରୁ ପ୍ରତିଯୋଗିତା

ବୁଗୁଡ଼ା,୨୬।୮(ଡି.ଏନ୍.ଏ.)

ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ବୁଗୁଡ଼ା ଏନଏସି ପକ୍ଷରୁ ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରାଥମିକ ବିଦ୍ୟାଳୟଠାରୁ କଲେଜ ସ୍ତର ପର୍ଯ୍ୟନ୍ତ ସାଧାରଣ ଜ୍ଞାନ, ସଙ୍ଗୀତ, ବକ୍ତୃତା ଓ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇ ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସ ସୂଚନା ଦେଇଛନ୍ତି। ସ୍ଥାନୀୟ ଏନ୍ଏସି କଲ୍ୟାଣ ମଣ୍ଡପଠାରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ପ୍ରତିଯୋଗିତାର ମୂଲ୍ୟାୟନ ପାଇଁ ସଙ୍ଗୀତଜ୍ଞ ସୁରେନ୍ଦ୍ର ନାଥ ଦାସ, ନିତ୍ୟାନନ୍ଦ ସାହୁ ଓ ଶ୍ୟାମାପଦ ହୋତା ଏବଂ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ଆତ୍ମପ୍ରକାଶ ନାୟକ, କବି ଅନନ୍ତ କର ପ୍ରମୁଖ ବିଚାରକ ଭାବେ ନିୟୋଜିତ ଥିଲେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏନ୍ଏସିର ଅଶୋକ କୁମାର ସାହୁ, ରାମକୃଷ୍ଣ ପଟ୍ଟନାୟକ, ସୁଶାନ୍ତ କୁମାର ଜେନା, ସଙ୍କେତ କୁମାର ପାଣିଗ୍ରାହୀ, ପିତବାସ ପ୍ରଧାନ, ରଞ୍ଜନ ପ୍ରଧାନ, ରଘୁନାଥ ପାଢୀ, ସର୍ବେଶ୍ୱର ବାରିକ, ସନ୍ତୋଷ କୁମାର ପଣ୍ଡା, ଜଗଦୀଶ ପଣ୍ଡା, ବିରଞ୍ଚି ନାରାୟଣ ପାତ୍ର, ବିଭୁ ପ୍ରସାଦ ରାଉତରାୟ, ଦ୍ୟୁତିକୃଷ୍ଣ ସାହୁ, ନାରାୟଣ ଗୌଡ ଓ ତାପସ କୁମାର ଗୌଡ ପ୍ରମୁଖ କର୍ମଚାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବୈଠକ




ପୋଷ୍ଟର ଉନ୍ମୋଚନ କରାଯାଉଛି।

ପାରଳାଖେମୁଣ୍ଡି,୨୬।୮(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରର ରାଜଦଣ୍ଡଠାରେ ଥିବା ସଂସ୍କୃତି ଭବନରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଭିପି ଗଜପତି ଜିଲାର ଜିଲା ପ୍ରମୁଖ ବାଳକୃଷ୍ଣ ଜେନା, ଜିଲା ସହ ପ୍ରମୁଖ ସମୀର ରଞ୍ଜନ ପାଣିଗ୍ରାହୀ, ଜିଲା ସଂଯୋଜକ ମୁଖଲୀଙ୍ଗ ପିଡ଼ିକା ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନକୁ କିପରି ସମୃଦ୍ଧ କରାଯିବ ଏବଂ ବିଦ୍ୟାର୍ଥୀମାନଙ୍କୁ ସଙ୍ଗଠନର ସଦସ୍ୟ କରିବା ନେଇ ଆଲୋଚନା କରଯାଇଥିଲା। ଏଥିସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ଅଭିଯାନ ପାଇଁ ପୋଷ୍ଟର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋପିତା ପ୍ରଧାନ, ଶିବାନୀ ମାଝୀ, କିରନି ବେହେରା, ପ୍ରିୟଙ୍କା ପାଇକରାୟ, କିଶୋର ମୁଣ୍ଡାରୀ, ଖେତେଶର ଶବର, ମନ୍ମୟ ବେହେରା ଆଦି ସଦସ୍ୟ ଉପସ୍ଥିତ ଥିଲେ।

# ପଟ୍ଟା ବାଣ୍ଟିଲେ, ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ପଟ୍ଟା ପାଇଥିବା ହିତାଧିକାରୀ।

ଦିଗପହଣ୍ଡି,୨୬।୮(ଡି.ଏନ୍.ଏ.)

#### ସାନଖେମୁଣ୍ଡି ଗସ୍ତ

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ସାନଖେମୁଣ୍ଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି। ଜିଲାପାଳ ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ପରେ ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକ ଓ ତହସିଲଦାର ଡ଼. ଶ୍ରୀନିବାସ ବେହେରାଙ୍କ ସହ ଏସ୍. ଗୋପାଳପୁର ପଞ୍ଚାୟତ ପର୍ବତ ଶୀର୍ଷରେ ରହିଥିବା ମା' ରତନେଇ ପୀଠରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଏହାପରେ ଜିଉରା ଗ୍ରାମର ପାର୍କ ସହ ଅନ୍ୟାନ୍ୟ କାର୍ଯ୍ୟ ପରିଦର୍ଶନ କରିଥିଲେ। ସାନଖେମୁଣ୍ଡି ତହସିଲ ଅଧିନରେ ଥିବା ବହୁ ଗରିବ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନା ମାଧ୍ୟମରେ ପଟ୍ଟା ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ଜିଲାପାଳଙ୍କ ସହିତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ସନ୍ଦୀପ କୁମାର ବେହେରା, ଦୀପକ କୁମାର ପଟ୍ଟନାୟକ, ମନୋଜ କୁମାର ବେହେରା, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାସୀମକୁ ଗ୍ଲୋବାଲ ଏନଭାଇରନ୍ମେଣ୍ଟ ଆୱାର୍ଡ

ଗଞ୍ଜାମ,୨୬।୮(ଡି.ଏନ୍.ଏ.)

ଗଞ୍ଜାମ ସହର ସ୍ଥିତ ଗ୍ରାସୀମ କମ୍ପାନୀକୁ ମିଳିଛି ୨୦୨୨ ଗ୍ଲୋବାଲ ଏନ୍ଭାଇରନ୍ମେଣ୍ଟ ଆୱାର୍ଡ। ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଏନର୍ଜି ଓ ଏନ୍ଭାଇରନ୍ମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଏହି ଆୱାର୍ଡ ପ୍ରଦାନ କରାଯାଇଥିବା ବେଳେ କମ୍ପାନୀ ଆଡ୍ମିନ ଜେନେରାଲ ମ୍ୟାନେଜର ରବୀନ୍ଦ୍ର କୁମାର ମହାନ୍ତି ଏବଂ ପରିବେଶ ସୁପରିଚାଳିକା ସୂଚୀସ୍ମିତା ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସୁସ୍ଥ ପରିବେଶ ଓ ଜଳ ସଂରକ୍ଷଣ ଏବଂ କମ୍ପାନୀ ୟୁନିଟ ହେଡ଼ ଦିଗବିଜୟ ପାଣ୍ଡେଙ୍କ ଡାଇନୋମିକ ଲିଡରସିପ ଯୋଗୁ କମ୍ପାନୀକୁ ଏହି ସଫଳତା ମିଳିଥିବା ଡିଜିଏମ ମହାନ୍ତି ଗଣମାଧମକୁ ସୂଚନା ଦେଇଛନ୍ତି।

### ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଭିଭାବକଙ୍କୁ ତାଲିମ ଶିବିର

ବୁଗୁଡା,୨୬।୮(ଡି.ଏନ.ଏ.)

ବୁଗୁଡା ଗୋଷ୍ଠୀ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ କାଦପଡା ପ୍ରାଥମିକ ବିଦ୍ୟାଳୟ, ବି କରଡାବାଡି ଉଚ୍ଚବିଦ୍ୟାଳୟ, ବୁଗୁଡା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୃଥକ ଭାବରେ ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଭିଭାବକଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାଦପଡା ପ୍ରାଥମିକ ବିଦ୍ୟାଳୟରେ ୫୦ ଜଣ, ବି କରଡାବାଡି ବିଦ୍ୟାଳୟରେ ୫୦ ଓ ବୁଗୁଡା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଇଓ ପ୍ରସନ୍ନ କୁମାର ବେହେରା, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଯୋଗଦେଇ ଅଭିଭାବକଙ୍କୁ ସଚେତନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ସୋନାଲିନ୍ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ତିନି ଦିନିଆ ତାଲିମ ଶିବିରରେ ପ୍ରଶିକ୍ଷକ ଭାବେ ଦିଲ୍ଲୀପ କୁମାର ଗନ୍ତାୟତ, ଅମରେଶ ପ୍ରଧାନ ଓ ସୁଶାନ୍ତ କୁମାର ଡାକୁଆ ପ୍ରମୁଖ ଯୋଗଦେଇଥିଲେ।

# ୧୫ ତିବ୍ବତୀୟାନ ସୋସାଇଟିର ବାର୍ଷିକ ଉତ୍ସବ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)

ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରିଠାରେ ଥିବା ତିବ୍ବତୀୟାନ ସୋସାଇଟିର ସାରା ଭାରତରେ ୧୫ ତିବ୍ବତୀୟାନ ସୋସାଇଟିକୁ ନେଇ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀଙ୍କ ସହ ଏହି ଉତ୍ସବରେ ଉପସ୍ଥିତ ଥିଲେ ହିମାଚଳ ପ୍ରଦେଶର ଚିଂଜନ୍ ରିସାନ୍ ଏବଂ ଅନ୍ୟ ତିବ୍ବତୀୟାନ ସୋସାଇଟିର ମୁଖ୍ୟ ରିପ୍ରେଜେଣ୍ଟେଟିଭମାନେ। ଏହି ଉତ୍ସବ ପ୍ରତ୍ୟକ ବର୍ଷ ଅନ୍ୟ ସ୍ଥାନରେ ଥିବା ସୋସାଇଟିରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଚନ୍ଦ୍ରଗିରିଠାରେ ଏହା ଅନୁଷ୍ଠିତ ହୋଇଥିବାରୁ ଚନ୍ଦ୍ରଗିରି ସେଟଲମେଣ୍ଟ କ୍ୟାମ୍ପର ତିବ୍ବତୀୟାନମାନଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖାଦେଇଛି। ଏହି ଉତ୍ସବଟି ଚନ୍ଦ୍ରଗିରି କାନାରା ବ୍ୟାଙ୍କ ନିକଟସ୍ଥ ଫୁଣ୍ଟସୋକଲିଙ୍ଗ ତିବ୍ବତୀୟାନ ସେଟଲମେଣ୍ଟ ଅଫିସ ସାମ୍ନାରେ ପାଳନ କରାଯାଇଥିଲା। ଏହି ଉତ୍ସବରେ ତିବ୍ବତୀୟାନ ପରମ୍ପରା ଅନୁଯାୟୀ ପାରମ୍ପରିକ ନୃତ୍ୟ ମଧ୍ୟ ଦେଖିବାକୁ ମିଳିଥିଲା।

# ନୂତନ ପଞ୍ଚାୟତ ଗଠନ ନିମନ୍ତେ ବୈଠକ

ଆର.ଉଦୟଗିରି,୨୬।୮(ଡି.ଏନ.ଏ.)

ଗଜପତି ଜିଲାର ବୃହତ୍ତମ ବ୍ଲକ ମୋହନାକୁ ଭାଗ କରିବା ପାଇଁ କିଛିଦିନ ତଳେ ଜିଲାପାଳ କାର୍ଯ୍ୟାଳୟର ଏକ ଚିଠି ପ୍ରକାଶ ପାଇଥିଲା। ଯେଉଁଥିରେ ଉଲ୍ଲେଖ ଅଛି ଯେ ନୂଆଗଡ଼ ବ୍ଲକର ସୁନ୍ଦରଡ଼ାଙ୍ଗ ଗ୍ରାମକୁ ନୂତନ ବ୍ଲକ ଭାବେ ଗଠନ ପାଇଁ। ମୋହନା ବ୍ଲକର ୧୭ଖଣ୍ଡ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏହାକୁ ବିରାଧ କରିଥିଲେ। ଏ ନେଇ ଆଦିବାସୀ ଅଧୁଷିତ ଗଜପତି ଜିଲା ମୋହନା ବ୍ଲକ ବିରିକୋଟ୍ ପଞ୍ଚାୟତର ଉପାନ୍ତ ଅଞ୍ଚଳ ରାଜବସା ଗ୍ରାମଠାରେ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିରିକୋଟ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମୋସା ମାଝିଙ୍କ ନେତୃତ୍ୱରେ ୧୬ ଗ୍ରାମର ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିରିକୋଟ, ଦମାଦୁଆ ଓ ଆଲିଗଣ୍ଡା ପଞ୍ଚାୟତର ୧୬ ଗ୍ରାମର ମୁଖ୍ୟ ପେଣ୍ଟସ୍ଥଳୀ ରାଜବସା ହୋଇଥିବା ବେଳେ ଏଠାରେ ପଞ୍ଚାୟତ ନିର୍ମାଣ କରାଗଲେ ଗ୍ରାମର ହଜାର ହଜାର ଜନସାଧାରଣ ଉପକୃତ ହେବେ ବୋଲି ମତ ପ୍ରକାଶ କରିଛନ୍ତି। କାରଣ ବର୍ତ୍ତମାନ ଯେଉଁ ପଞ୍ଚାୟତରେ ଅଛନ୍ତି ସେହି ପଞ୍ଚାୟତକୁ ରାଶନ ସାମଗ୍ରୀ ଓ ବାର୍ଦ୍ଧକ୍ୟ ଭତ୍ତା ନେବାକୁ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ତେଣୁ ନୂତନ ପଞ୍ଚାୟତ ଗଠନ ପାଇଁ ଚଳିତ ମାସରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଥିଲେ। ବୈଠକରେ ଜିଲା ଭାଇସ୍ ଚେୟାରମ୍ୟାନ କୁନ୍ତଳା ମଲିକ, ବ୍ଲକ ଚେୟାରମ୍ୟାନ ରଞ୍ଜିବ ଶବର, ଏମ୍ପି ପ୍ରତିନିଧି ଭାସ୍କର ସାହୁ ଉପସ୍ଥିତ ଥିବା ବେଳେ ତାଙ୍କ ଜରିଆରେ ମଧ୍ୟ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ତ୍ରିନାଥଠାକୁର ଉଠାଦୋକାନୀ ସଂଘର ନୂତନ କର୍ମକର୍ତ୍ତା ଚୟନ

ଦିଗପହଣ୍ଡି,୨୬।୮(ଡି.ଏନ.ଏ.)

ଦିଗପହଣ୍ଡି ଶ୍ରୀ ତ୍ରିନାଥ ଠାକୁର ଉଠାଦୋକାନୀ ସଂଘର ଏକ ପରିବର୍ଦ୍ଧିତ ଆଲୋଚନା ସଭା ନିଳକଣ୍ଠେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସଂଘର ବହୁ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ସଂଘକୁ ସୁଦୃଢ କରିବା ସହିତ ଅନ୍ୟ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସଂଘର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ତଥା ଆଇନଜୀବୀ ପରେଶ ଚନ୍ଦ୍ର ରଥଙ୍କୁ ସଂଘର ସଭାପତି ଓ ଭବାନି ଶଙ୍କର ପଣ୍ଡାଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ପୂର୍ବତନ କାର୍ଯ୍ୟକର୍ତ୍ତା ବାବୁଲା ଚୌଧୁରୀ ଓ ସୀମାଞ୍ଚଳ ବେହେରା ନୂତନ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାହ୍ନୁ ମହାନ୍ତି, ବଳିଆ ସାହୁ, ସୀମାଞ୍ଚଳ ପାଢୀ ଓ ଧୋବା ସାହୁ ପ୍ରମୁଖ ବୈଠକ ପରିଚଳନାରେ ସହଯୋଗ କରିଥିଲେ। ସନ୍ତୋଷ ସାହୁ, ମୁନା ବେହେରା, ସଞ୍ଜୟ ସ୍ୱାଇଁ, ସୁଦର୍ଶନ ଗୌଡ, ସନ୍ତୋଷ ଦାସ, ପି.ଶିବଶଙ୍କର ପାତ୍ର, ରାଜା ପଣ୍ଡା, ପଦ୍ମ ବେହେରା, କେ.ବେହେରା, ଟୁକୁନା ବେହେରା, ଅଶୋକ ଚୌଧୁରୀ, ବଳିଆ ସାସମଲ୍, ଚନ୍ଦନ ସାହୁ ପ୍ରମୁଖ ସମସ୍ତ ଉଠାଦୋକାନୀମାନେ ବୈଠକରେ ଉପସ୍ଥିତ ଥିଲେ।

# ସ୍ୱାୟତ୍ତ ଶାସନରେ ସ୍ୱତନ୍ତ୍ର ଉତ୍ସବ ନେଇ ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,୨୬।୮(ଡି.ଏନ.ଏ.)



ବୈଠକରେ ଆଲୋଚନା ଚାଲିଛି।

ଆସନ୍ତା ପୌରାଞ୍ଚଳ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ନିମନ୍ତେ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୌର ପରିଷଦ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୧ ଅଗଷ୍ଟଠାରୁ ୨ ସେପ୍ଟେମ୍ବର ୩ ଦିନ କାରିଗରୀ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବୃନ୍ଦାବନ ବିଦ୍ୟାଳୟ ତିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ହସ୍ତ ଶିଳ୍ପ, ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ଏକାଙ୍କିକା ଆଦି ପରିବେଷଣ ହେବ। ଏଥିସହ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, କଳାକାର, ସାହିତ୍ୟିକ, ସାମାଜିକ କର୍ମୀ ଆଦିଙ୍କୁ ନିମନ୍ତ୍ରଣ କରାଯିବ। ଏଥିସହ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ଜିଲାପାଳ, ଏସ୍ପି, ଅତିରିକ୍ତ ଜିଲାପାଳ, ଗଞ୍ଜାମ ପିଡି ଡିଆର୍ଡିଏ, ପିଡି ଡୁଡା, ଉପଜିଲାପାଳ ପ୍ରମୁଖଙ୍କ ସହ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ଅତିଥି ଭାବେ ଯୋଗ ଦେବାକୁ ସମ୍ମତି କରିଥିବା ନେଇ ଆଲୋଚନା ହୋଇଛି। କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ପୌରା ୱାର୍ଡ ସଭ୍ୟାସଭ୍ୟ, କର୍ମଚାରୀ ଓ ଅଞ୍ଚଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ରବିବାର ବୃନ୍ଦାବନ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। ପ୍ରସ୍ତୁତି ବୈଠକରେ ଉପାଧକ୍ଷା ସୁଚିତ୍ରା ପଣ୍ଡା, ବିଜେଡି ନଗର ସଭାପତି ଭୀମସେନ ବେହେରା, ଆସିକା ଏମ୍ପିଙ୍କ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ, ପ୍ରଦୀପ କୁମାର ପଣ୍ଡା, କାଉନସିଲର ସୁପ୍ରଭା ମହାରଣା, ବିଳାସିନୀ ମହାନ୍ତି, ସରୋଜ ପଣ୍ଡା, ଶ୍ୟାମଘନ ବେହେରା, ବସନ୍ତ ବେହେରା, ଗୋପବନ୍ଧୁ ବେହେରା, ଅମୂଲ୍ୟ ସାହୁ, ବିଭୁପ୍ରସାଦ ପଣ୍ଡା, ରମେଶ ପଣ୍ଡା, ଓକିଲ ଦ୍ୱିତୀକୃଷ୍ଣ ସାବତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବଳରାମପୁର ସ୍କୁଲରେ ଶିଶୁ ଲେଖକ କର୍ମଶାଳା

ରମ୍ଭା,୨୬।୮

ଗଞ୍ଜାମ ବ୍ଲକ୍ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଖଣ୍ଡଦେଉଳି କ୍ଲଷ୍ଟର ଅନ୍ତର୍ଗତ ବଳରାମପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମହାଙ୍କୁଡ଼ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ବେହେରା ମୁଖ୍ୟ ଅତିଥି, ରମ୍ଭା ଅଞ୍ଚଳର ଯୁବ କବି ମନୋଜ କୁମାର ବେହେରା ମୁଖ୍ୟବକ୍ତା, ଗଞ୍ଜାମ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ଚନ୍ଦ୍ର ବେହେରା, ଖଣ୍ଡଦେଉଳି ସିଆରସି ସୂର୍ଯ୍ୟନାରାୟଣ ନାୟକ ସମ୍ମାନିତ ଅତିଥି, ୱାର୍ଡ ମେମ୍ବର ବିଷ୍ଣୁପ୍ରିୟା ବେହେରା, ଶିକ୍ଷକ ସୂର୍ଯ୍ୟନାରାୟଣ ପଣ୍ଡା, ଶିକ୍ଷୟିତ୍ରୀ ପଲ୍ଲବୀ ଷଡଙ୍ଗୀ ପ୍ରମୁଖ ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କବି ମନୋଜ କୁମାର ବେହେରାଙ୍କୁ ସାହିତ୍ୟ ସାଧନା ନିମନ୍ତେ ସମ୍ମାନିତ କରାଯାଇଥିଲା। କର୍ମଶାଳାକୁ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାପାତ୍ର ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଭାଗ୍ୟଲତା ମୁଳି ଓ ବି. ମାଗି ରେଡି ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର

